ଓଡ଼ିଶା ସରକାର

ଓଡ଼ିଶା ବିଧାନ ସଭାରେ

୨୦୧୪-୨୦୧୫ ବର୍ଷର

ଲେଖାନୁଦାନ ଉପସ୍ଥାପନ ଅବସରରେ

# ଅର୍ଥ ମନ୍ତ୍ରୀ

# ଶ୍ରୀଯୁକ୍ତ ପ୍ରସନ୍ନ ଆଚାର୍ଯ୍ୟଙ୍କ

# ଅଭିଭାଷଣ

*୭ ଫେବୃଆରୀ, ୨୦୧୪*

ମାନ୍ୟବର ବାଚସ୍ପତି ମହୋଦୟ,

ଏହି ପବିତ୍ର ଗୃହରେ 2014-15 ଆର୍ଥିକ ବର୍ଷର ଲେଖାନୁଦାନ ଆଗତ କରିବା ପାଇଁ ମୋତେ ସୁଯୋଗ ପ୍ରଦାନ କରିଥିବାରୁ ମୁଁ ସର୍ବପ୍ରଥମେ ଆପଣଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି । ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟସଦସ୍ୟାଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ପାଇଁ ମୁଁ ସେମାନଙ୍କୁ ମଧ୍ୟ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି ।

2. ଆମେ କାହିଁକି ଲେଖାନୁଦାନ ଆଗତ କରୁଛୁ; ସେ ବିଷୟରେ ସୂଚାଇ ଦେବାକୁ ଉଚିତ୍ ମନେକରୁଛି । ପଞ୍ଚଦଶ ଲୋକସଭା ଓ ଚତୁର୍ଦ୍ଦଶ ବିଧାନସଭାର ଅବଧି ଅଳ୍ପ କେତେମାସ ପରେ ଶେଷ ହୋଇଯିବ । ନିର୍ବାଚନ ତାରିଖ ଘୋଷଣା ପରେ ସଙ୍ଗେସଙ୍ଗେ ଆଦର୍ଶ ଆଚରଣ ବିଧି ଲାଗୁହେବ । ପରମ୍ପରା କ୍ରମେ ନୂତନ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ଏବଂ ଯୋଜନା ଘୋଷଣା କରିବାର ଅଧିକାର ଅଛି । ସୁତରାଂ 2014-15 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ପରିବର୍ତ୍ତେ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଚାଲୁରହିଥିବା ଯୋଜନା ଓ କାର୍ଯ୍ୟକ୍ରମ ସରକାର ଲେଖାନୁଦାନ ଆଗତ କରିବାପାଇଁ ପ୍ରସ୍ତାବ ଦେଉଅଛନ୍ତି ।

3. ଅଭିବୃଦ୍ଧି ପ୍ରକ୍ରିୟାକୁ ଆଗେଇନେବା ଆମ ସରକାରଙ୍କର ମୂଳ ଲକ୍ଷ୍ୟ ଅଟେ ଏବଂ ଏ କଥା ନିଃସନ୍ଦେହ ଯେ ଆମେ ଏ ଦିଗରେ ଯଥେଷ୍ଟ ସଫଳତା ହାସଲ କରିଛୁ । ସେ ଯାହା ହେଉ ନା କାହିଁକି, ଆଗାମୀ ଆର୍ଥିକ ବର୍ଷରେ ଏହି ସବୁ କାର୍ଯ୍ୟକ୍ରମକୁ ଏକୀକୃତ କରି ଅଗ୍ରସର ହେବାର ଆବଶ୍ୟକତା ଅଛି ।

4. ଉନ୍ନତିର ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଅନେକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଅନ୍ତର୍ଗତ ଅଧିକ ରାଜସ୍ୱ ଆଦାୟ ପାଇଁ ପଦକ୍ଷେପ ଓ ଆର୍ଥିକ ଶୃଙ୍ଖଳା ଅବଲମ୍ବନ କରିବାଦ୍ୱାରା ଅନେକ ସୁଫଳ ମିଳିଛି । ସେଥିମଧ୍ୟରୁ ମୁଁ ଅଳ୍ପକିଛି ସୂଚାଇବାକୁ ଯାଉଛି ।

- 1999-2000 ଆର୍ଥିକ ବର୍ଷରେ ରାଜ୍ୟର ନିଜ ରାଜସ୍ୱ ପରିମାଣ 2420.56 କୋଟି ଟଙ୍କା ଥିବାବେଳେ 2012-13 ଆର୍ଥିକ ବର୍ଷରେ ଏହା 23112.23 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥାତ୍ ଉକ୍ତ ସମୟ ମଧ୍ୟରେ ରାଜ୍ୟର ନିଜ ରାଜସ୍ୱ ସାମଗ୍ରୀକ ଘରୋଇ ଉତ୍ପାଦ (GSDP) ର

ପ୍ରତିଶତ ହିସାବରେ 5.05 ରୁ 8.93 କୁ ବୃଦ୍ଧି ପାଇଛି ।

- ରାଜ୍ୟର ନିଜ ଟିକସ ରାଜସ୍ୱ 1999-2000 ଆର୍ଥିକ ବର୍ଷରେ 1704.08 କୋଟି ଟଙ୍କା ଥିଲାବେଳେ 2012-13 ଆର୍ଥିକ ବର୍ଷରେ ଏହା ବୃଦ୍ଧିପାଇ 15034.20 କୋଟି ଟଙ୍କାରେ ପହଁଞ୍ଚି ଥିଲା । ନିଜ ଟିକସ ରାଜସ୍ୱ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 3.56 ରୁ 5.81 ପ୍ରତିଶତକୁ ବୃଦ୍ଧି ପାଇଛି ।
- 2005-06 ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଛି ; ଏହା ଦ୍ୱାଦଶ ଅର୍ଥ ଆୟୋଗଙ୍କ ଧାର୍ଯ୍ୟ ସମୟସୀମା ଠାରୁ ଯଥେଷ୍ଟ ଆଗୁଆ ଅଟେ ।
- 1999-2000 ରେ ରାଜ୍ୟ ଯୋଜନା ଖର୍ଚ୍ଚ 2484.00 କୋଟି ଟଙ୍କା ଥିବାବେଳେ 2013-14 ଆର୍ଥିକ ବର୍ଷରେ ଅନୁମୋଦିତ ରାଜ୍ୟ ଯୋଜନା କଳେବର 21500.00 କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଦରମା ଏବଂ ପେନ୍‌ସନ୍ ବୃଦ୍ଧି ଜନିତ ଅଧିକ ଆର୍ଥିକ ବୋଝ ସତ୍ତ୍ୱେ ସରକାର ରାଜ୍ୟ ଯୋଜନାର କଳେବର ବୃଦ୍ଧି କରିବାରେ ସମର୍ଥ

ହୋଇପାରିଛନ୍ତି । 2014-15 ବଜେଟ୍ ଆକଳନ ଅନୁସାରେ ପୂର୍ବ ବର୍ଷ ତୁଳନାରେ ରାଜ୍ୟ ଯୋଜନା କଳେବର 13500.00 କୋଟି ଟଙ୍କା ବୃଦ୍ଧି ପାଇ 35000.00 କୋଟି ଟଙ୍କାରେ ସ୍ଥିରିକୃତ ହୋଇଅଛି ।

- 1999-2000 ରେ ପୁଞ୍ଜି ବ୍ୟୟ କେବଳ 799.00 କୋଟି ଟଙ୍କା ଥିଲାବେଳେ 2012-13 ଆର୍ଥିକ ବର୍ଷରେ ଏହା 5622.18 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

- 1999-2000 ରେ ସୁଧଦେୟ ମୋଟ ରାଜସ୍ୱର 21.03 ପ୍ରତିଶତ ଥିଲା । 2012-13 ଆର୍ଥିକ ବର୍ଷରେ ଏହା 6.39 ପ୍ରତିଶତକୁ ହ୍ରାସ ପାଇଛି । ଦ୍ୱାଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଅନୁସାରେ ଏହି ଅନୁପାତ 15 ପ୍ରତିଶତରେ ରହିବା ବାଞ୍ଛନୀୟ ।

- ତା.01.12.2004 ରିଖ ଠାରୁ ଅଦ୍ୟାବଧି ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରୁ ସାଧନୋପାୟ ଅଗ୍ରୀମ ଆଣି ନାହାଁନ୍ତି କିମ୍ବା ଅଧିକ ଟଙ୍କା (Over Draft) ଉଠାଇ ନାହାଁନ୍ତି ।

5. ଅନେକ କ୍ଷେତ୍ରରେ ଆମର ସଫଳତା ସତ୍ତ୍ୱେ ଏକଥା ପ୍ରଣିଧାନ ଯୋଗ୍ୟ ଯେ ଆମର ସମ୍ବଳ ସୀମିତ; କିନ୍ତୁ ଆବଶ୍ୟକତା ଅନେକ । ରାଜ୍ୟର ପ୍ରଗତି ଅଧିକ ସମ୍ବଳ ଅଭିବୃଦ୍ଧି ଏବଂ ଏହାର ସଦୁପଯୋଗ ଉପରେ ନିର୍ଭର କରେ ।

6. ଲୋକଙ୍କର ବିଭିନ୍ନ ଆଶା ଆକାଂକ୍ଷାକୁ ଆଖି ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ଲୋକପ୍ରିୟ ସରକାର ସମାଜର ଗରିବ ଏବଂ ଅବହେଳିତ ଲୋକଙ୍କର ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ ଅଙ୍ଗୀକାର ବଦ୍ଧ । ସୀମିତ ସମ୍ବଳ ସତ୍ତ୍ୱେ ରାଜ୍ୟ ସରକାର ନିଜ ସମ୍ବଳରୁ ଚାଲୁରଖିଥିବା କାର୍ଯ୍ୟକ୍ରମ ଯଥା "ମୋ କୁଡିଆ ଯୋଜନା", "ବିଜୁ କେବିକେ ଯୋଜନା" , "ଗୋପବନ୍ଧୁ ଗ୍ରାମୀଣ ଯୋଜନା", "ମଧୁବାବୁ ପେନସନ ଯୋଜନା", "ମମତା", "ସିମେଣ୍ଟ କଂକ୍ରିଟ ରାସ୍ତା" ଓ "ବୃହତ ଉଠାଜଳସେଚନ ପ୍ରକଳ୍ପ" ଇତ୍ୟାଦି ପାଇଁ ଆବଶ୍ୟକୀୟ ବ୍ୟୟବରାଦ କରିଛନ୍ତି ।

7. ମୁଁ 2014-15 ଆର୍ଥିକ ବର୍ଷର ବଜେଟ୍ ଆକଳନ ଓ ଲେଖାନୁଦାନ ଉପସ୍ଥାପନ କରିବା ପୂର୍ବରୁ ପ୍ରଥମେ ଚଳିତ ଆର୍ଥିକ  ବର୍ଷର ସଂଶୋଧିତ ଅଟକଳ ଉପରେ ସୂଚନା ପ୍ରଦାନ କରୁଛି ।

୫. 2013-14 ଆର୍ଥିକ ବର୍ଷ ସଂଶୋଧିତ ଅଟକଳ ଅନୁସାରେ ସଂଗଠିତ ପାଣ୍ଠିରେ ବ୍ୟୟ 62792.17 କୋଟି ଟଙ୍କା ଅଟେ । ମୋଟ ରାଜସ୍ୱ ପ୍ରାପ୍ତି ଏବଂ ରାଜସ୍ୱ ବ୍ୟୟ ଯଥାକ୍ରମେ 53810.15 କୋଟି ଟଙ୍କା ଏବଂ 51657.88 କୋଟି ଟଙ୍କା ଅଟେ । ସୁତରାଂ 2013-14 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ବଳକା 2152.27 କୋଟି ଟଙ୍କା ଅଟେ । ବିତ୍ତୀୟ ନିଅଣ୍ଟ 5923.05 କୋଟି ଟଙ୍କା ହେବ ବୋଲି ଆକଳିତ ହୋଇଛି; ଏହା ସାମଗ୍ରିକ ଘରୋଇ ଉତ୍ପାଦ (GSDP) ର 2.03 ପ୍ରତିଶତ ହେବ ।

୨. ଆପଣମାନେ ଅବଗତ ଅଛନ୍ତି ଯେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଆଗତ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରୀୟ ସହାୟତା ସମେତ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶର ନିର୍ଦ୍ଦିଷ୍ଟ ପରିମାଣ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣାଙ୍ଗ ବଜେଟ୍ ପାରିତ ହେଲାପରେ ହିଁ ଜଣାପଡିବ । ଯୋଜନା ଆୟୋଗର ଅଫିସରମାନଙ୍କ ସହ ଆଲୋଚନା ଏବଂ ସମ୍ବଳ ଆକଳନକୁ ହିସାବକୁ ନେଇ 2014-15 ଆର୍ଥିକ ବର୍ଷର ଯୋଜନା କଳେବର 35000.00 କୋଟି ଟଙ୍କାରେ ସ୍ଥିରୀକୃତି ହୋଇଅଛି । ଏହି ଯୋଜନା

କଳେବର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଆୟୋଗର ଉପଧକ୍ଷଙ୍କ ସହ ଆଲୋଚନା ପରେ ପରିବର୍ତ୍ତିତ ହୋଇପାରେ ।

10. ଚଳିତ ଆର୍ଥିକ ବାର୍ଷିକ ଯୋଜନା ଅଟକଳ 21500.00 କୋଟି ଟଙ୍କା ଥିବାବେଳେ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାର କଳେବର ସାଧାରଣ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ 2000.00 କୋଟି ଟଙ୍କା ସମେତ 35000.00 କୋଟି ଟଙ୍କା ହେବ ବୋଲି ଆପାତତଃ ସ୍ଥିର କରାଯାଇଛି । ଏହା କହିବା ଅନାବଶ୍ୟକ ଯେ ଯୋଜନା କଳେବରର ଏହି ଅଭିବୃଦ୍ଧି ଉତ୍ତମ ଆର୍ଥିକ ଶୃଙ୍ଖଳା ଓ ପରିଚାଳନା ଯୋଗୁଁ ସମ୍ଭବ ହୋଇଛି ।

11. 2014-15 ଆର୍ଥିକ ବର୍ଷ ପାଇଁ ରାଜସ୍ୱ ପ୍ରାପ୍ତି ଓ ରାଜସ୍ୱ ଖର୍ଚ୍ଚ ଯଥାକ୍ରମେ 62916.76 କୋଟି ଟଙ୍କା ଏବଂ 61796.64 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ବିଶ୍ୱ ଆର୍ଥିକ ମାନ୍ଦା ପରିସ୍ଥିତି ଉଭୟ ଦେଶ ଓ ରାଜ୍ୟର ଆର୍ଥିକ ପରିସ୍ଥିତିକୁ ପ୍ରଭାବିତ କରିଛି । ଏହା ସତ୍ତ୍ୱେ 2014-15 ଆର୍ଥିକ ବର୍ଷ ଶେଷରେ 1120.13 କୋଟି ଟଙ୍କା ରାଜସ୍ୱ ବଳକା ହେବ ବୋଲି ଆକଳନ କରାଯାଇଛି । ଅନ୍ୟ ପକ୍ଷରେ ପୁଞ୍ଜି

ହିସାବରେ ପୁଞ୍ଜି ପ୍ରାପ୍ତି ତୁଳନାରେ ପୁଞ୍ଜି ଖର୍ଚ୍ଚ 3176.74 କୋଟି ଟଙ୍କା ଅଧିକ ହେବ ବୋଲି ଆକଳନ କରାଯାଇଛି । ସୁତରାଂ ପୁଞ୍ଜି କ୍ଷେତ୍ରରେ ନିଅଣ୍ଟ ପରିମାଣ 3176.74 କୋଟି ଟଙ୍କା ଅଟେ । ମୋଟାମୋଟି ଭାବେ ସଂଗଠିତ ପାଣ୍ଠିରେ ନିଅଣ୍ଟ ପରିମାଣ 2056.61 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଏବଂ ତତୁଲ୍ୟ ପିରମାଣ ଅର୍ଥ ସାଧାରଣ ପାଣ୍ଠି (Public Account) ରୁ ଭରଣା କରାଯିବାର ଆକଳନ କରାଯାଇଛି । ସାମଗ୍ରିକ ଭାବେ ସଂଗଠିତ ପାଣ୍ଠିରେ ବ୍ୟୟ ପିରମାଣକୁ ରାଜସ୍ୱ ପ୍ରାପ୍ତି, ପୁଞ୍ଜି ପ୍ରାପ୍ତି ଏବଂ ସାଧାରଣ ପାଣ୍ଠି (Public Account)ର ନିଟ୍ ବଳକାକୁ ଏକତ୍ରିତ କରି ଏକ ସମତୁଲ ବଜେଟ୍ ପ୍ରସ୍ତୁତ କରାଯାଇଛି ।

12. ମହାମହିମ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ରାଜ୍ୟର ସଫଳତା ବିଷୟରେ ଉଲ୍ଲେଖ କରିବା ସହ ଆଗାମୀ ବର୍ଷର ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଛନ୍ତି । ମୁଁ ସେଗୁଡିକୁ ଦୋହରାଇ ଆଉ ଆପଣମାନଙ୍କୁ ଭାରାକ୍ରାନ୍ତ କରିବାକୁ ଚାହୁଁନାହିଁ ।

ସୀମିତ ସମ୍ବଳ ସତ୍ତ୍ୱେ ଆମେ ବିଭିନ୍ନ ଯୋଜନା ଏବଂ ଚାଲୁରହିଥିବା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ

ବ୍ୟୟବରାଦ କରିବାରେ ସମର୍ଥ ହୋଇଛୁ । ବିଭିନ୍ନ ମୂଖ୍ୟ ଯୋଜନା ଓ ଚାଲୁରହିଥିବା କାର୍ଯ୍ୟକ୍ରମର ଏକ ସ୍ଥୁଳ ଚିତ୍ର ଉପସ୍ଥାପନ କରୁଛି ।

| | (କୋଟି ଟଙ୍କା ହିସାବରେ) |
|---|---|
| • ଗୋପବନ୍ଧୁ ଗ୍ରାମୀଣ ଯୋଜନା | 225.00 |
| • ବିଜୁ କେବିକେ ଯୋଜନା | 120.00 |
| • ମୋ କୁଡିଆ ଯୋଜନା | 150.10 |
| • ତ୍ୱରିତ୍ ଜଳସେଚନ ସୁବିଧା ଯୋଜନା | 1430.00 |
| • ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ | 2325.00 |
| • ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା | 550.00 |
| • ଜବାହାରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ | 480.00 |
| • ନକ୍ସଲ ପ୍ରଭାବିତ ଜିଲ୍ଲାପାଇଁ ଅତିରିକ୍ତ କେନ୍ଦ୍ରୀୟ ସହାୟତା | 540.00 |
| • ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି (ଜିଲ୍ଲା ଅଂଶ) | 440.00 |
| • ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି | 2200.00 |
| • ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) | 800.00 |

| | |
|---|---|
| • ମମତା | 222.63 |
| • ବିଜୁସେତୁ ଯୋଜନା | 163.00 |
| • ବୃହତ୍ ଉଠା ଜଳସେଚନ ପ୍ରକଳ୍ପ | 225.00 |
| • ରାଜ୍ୟ ରାଜପଥ ଉନ୍ନୟନ ପ୍ରକଳ୍ପ | 187.00 |
| • ବିଜୁ କୃଷକ କଲ୍ୟାଣ ଯୋଜନା | 90.00 |
| • ସିମେଣ୍ଟ କଂକ୍ରିଟ୍ ରାସ୍ତା | 498.56 |
| • ସ୍ୱତନ୍ତ୍ର ପ୍ରକଳ୍ପ ପାଣ୍ଠି ଜରିଆରେ ବାଣିଜ୍ୟିକ ଦୃଷ୍ଟିରୁ ଲାଭପ୍ରଦ ରେଳବାଇ ପ୍ରକଳ୍ପର ଉନ୍ନତି ପାଇଁ ରାଜ୍ୟ ଅଂଶ ନିମନ୍ତେ (Equity Contribution for development of commercially viable Railway Projects in the State executed through SPVs.) | 100.00 |
| • ବିଜୁ କନ୍ଧମାଳ ଓ ଗଜପତି ଯୋଜନା | 28.50 |
| • ବିଜୁ ସହରାଞ୍ଚଳ ବିଦ୍ୟୁତି କରଣ ଯୋଜନା | 20.00 |
| • ଆଡିବନ୍ଧ ନିର୍ମାଣ | 187.00 |

- ଉଚ୍ଚ କୃଷି ଉତ୍ପାଦନ ଅଞ୍ଚଳରେ କୃଷି ସହାୟକ କାର୍ଯ୍ୟକ୍ରମ ପାଇଁ (Agriculture Feeder in High Agril. Load Area) 100.00
- ଜଳକ୍ଳିଷ୍ଟ ଅଞ୍ଚଳରେ ଭୂତଳ ଜଳ ଉତ୍ତୋଳନ (Exploitation of Ground Water in water Deficit Areas) 170.00

13. ଦରମା, ପେନ୍‌ସନ୍‌, ସୁଧଦେୟ, ଋଣ ପରିଶୋଧ, ବାର୍ଦ୍ଧକ୍ୟ ଭତ୍ତା, ଅନୁସୂଚିତ ଜନଜାତି ଓ ଜାତି ଛାତ୍ରଛାତ୍ରୀଙ୍କ ବୃତ୍ତି ଇତ୍ୟାଦି ଅଣଯୋଜନାରେ ଅତ୍ୟାବଶ୍ୟକୀୟ ଖର୍ଚ୍ଚ, ରାଜ୍ୟ ଯୋଜନା ଓ କେନ୍ଦ୍ର ଯୋଜନାକୁ ଆଖି ଆଗରେ ରଖି 2014-15 ଆର୍ଥିକ ବର୍ଷର ଲେଖାନୁଦାନରେ ଏପ୍ରିଲ 14 ଠାରୁ ଜୁଲାଇ 14 ପର୍ଯ୍ୟନ୍ତ ପ୍ରଥମ ଚାରି ମାସ ପାଇଁ 34829.36 କୋଟି ଟଙ୍କାର ଲେଖାନୁଦାନ ପ୍ରସ୍ତୁତ କରାଯାଇଛି ଏବଂ ଉକ୍ତ ବ୍ୟୟ ବରାଦ ଏହି ପବିତ୍ର ଗୃହର ଅନୁମୋଦନ ପାଇଁ ଉପସ୍ଥାପନ କରାଗଲା ।

14. ଏହା କହିବା ନିଷ୍ପ୍ରୟୋଜନ ଯେ ଆମ ସରକାର ରାଜ୍ୟର ନିରବଚ୍ଛିନ୍ନ ଉନ୍ନତି ଓ ପ୍ରଗତି ପାଇଁ ବିଗତ

ପ୍ରାୟ 14 ବର୍ଷ ଧରି ନିଷ୍ଠାପର ଉଦ୍ୟମ କରିଆସିଛନ୍ତି । ଆମ କାର୍ଯ୍ୟକ୍ରମ ସମାଜର ଗରିବ ଓ ଅନଗ୍ରସର ଶ୍ରେଣୀର ଉନ୍ନତି ପାଇଁ ଉଦ୍ଦିଷ୍ଟ । ଏହି ଦିଗରେ ବହୁତ କିଛି କରାଯାଇଛି ଓ ଭବିଷ୍ୟତରେ ଆହୁରି ଅନେକ କାମ କରିବାକୁ ବାକି ଅଛି ।

15. ମୁଁ ପୁଣି ଥରେ ଏହି ପବିତ୍ର ଗୃହର ମାନ୍ୟବର ନେତା, ବିରୋଧୀ ଦଳ ନେତା ଏବଂ ସମସ୍ତ ସଦସ୍ୟସଦସ୍ୟାମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କର ସଦୟ ସହଯୋଗ, ସୁଚିନ୍ତିତ ମତାମତ ଏବଂ ଅକୁଣ୍ଠିତ ସାହାଯ୍ୟ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି । ମୁଁ ମଧ୍ୟ 2014-15 ଆର୍ଥିକ ବର୍ଷର ଲେଖାନୁଦାନ ଆଗତ ଅବସରରେ ମୋତେ କିଛି କହିବାକୁ ସୁଯୋଗ ପ୍ରଦାନ କରିଥିବାରୁ ମାନ୍ୟବର ବାଚସ୍ପତିଙ୍କୁ ଧନ୍ୟବାଦ ଜଣାଉଛି । ଏହା ଚତୁର୍ଦ୍ଦଶ ବିଧାନସଭାର ଅନ୍ତିମ ଅଧିବେଶନ ଅଟେ । ଏହି ଅବସରରେ ମୁଁ ଆମ ରାଜ୍ୟର ସକଳ ଶ୍ରେଣୀର ଜନସାଧାରଣଙ୍କର ସୁଖ, ସମୃଦ୍ଧି ଓ ମଙ୍ଗଳ ପାଇଁ ବିଶ୍ୱନିୟନ୍ତାଙ୍କ ନିକଟରେ ପ୍ରାର୍ଥନା କରୁଛି ।

// ଜୟ ହିନ୍ଦ୍ //

ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ-୧୦ରେ ମୁଦ୍ରିତ